# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)


**ପତ୍ରିକା ସଂଖ୍ୟା-୫୫** **ମଙ୍ଗଳବାର/ତା.୧୦.୦୭.୨୦୧୮**

**ପାଣିପାଗ ପୂର୍ବାନୁମାନ (ତା.୧୫.୦୭.୨୦୧୮ ପର୍ଯନ୍ତ):** ଭାରତୀୟ ମୌସୁମ ବିଜ୍ଞାନ ବିଭାଗ, ଭୁବନେଶ୍ୱର ଅନୁଯାୟୀ ଓଡିଶାର ଉତ୍ତରପୂର୍ବ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ଯଥା ଭଦ୍ରକ, ବାଲେଶ୍ୱର ଓ ଯାଜପୁର ସଂଲଗ୍ନ ଆଦି ଅଞ୍ଚଳରେ ଆକାଶ ଆସନ୍ତା ରବିବାର ପର୍ଯ୍ୟନ୍ତ ମୁଖ୍ୟତଃ ମେଘାଚ୍ଛର୍ନ ରହିବାବେଳେ ମଧମ ଧରଣର ବର୍ଷା ହେବାର ସୂଚନା ମିଳୁଛି । ଶୁକ୍ରବାର ପରେ ବର୍ଷାର ପରିମାଣ ବୃଦ୍ଧି ପାଇବାର ପୂର୍ବନୁମାନ ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା କ୍ରମଶଃ ହ୍ରାସ ପାଇବାବେଳେ ଓ ସର୍ବନିମ୍ନ ତାପମାତ୍ରା ୨୫ ରୁ ୨୬ ଡିଗ୍ରୀ ମଧ୍ୟରେ ରହିବାର ଅନୁମାନ କରାଯାଉଛି। ପବନ ମୁଖ୍ୟତଃ ପଶ୍ଚିମ/ ଦକ୍ଷିଣପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୫ ରୁ ୧୪ କି.ମି. ବେଗରେ ପ୍ରବାହିତ ହେବାର ସମ୍ଭାବନା ରହିଛି ।

## ପାଣିପାଗଭିତ୍ତିକ କୃଷି ଉପଦେଶ

### ଖରିଫ ଧାନ

- ଅନିୟମିତ ବର୍ଷା ବୁଣା ଧାନ ଜମିରେ ହେତୁ ଦୁବ, ସୁଆଁ, ରେଗଡା ସହିତ ବଡପତ୍ର ଘାସ ସମସ୍ୟା ଦେଖା ଯାଉଛି । ଏହି ଅନାବନା ଘାସ ୨ରୁ ୩ ପତ୍ର ଅବସ୍ଥାରେ ଥିଲେ ଏକର ପ୍ରତି ୮୦ ମି.ଲି. ବିସପାଇରିବାକ ସୋଡିୟମ କିମ୍ବା ୩୭ ମି.ଲି. ପେନୋକ୍ସସୁଲମ ଘାସମରା ବିଷକୁ ୩୦୦ ଲିଟର ପାଣିରେ ମିଶାଇ ଫ୍ଲଡଜେଟ କିମ୍ବା ଫ୍ଲାଟଫ୍ୟାନ ନୋଜୋଲ ବ୍ୟବହାର କରି ସିଂଚନ କରନ୍ତୁ ।
- ମୁଖ୍ୟତଃ ଏକବୀଜପତ୍ରୀ ଘାସ ସମସ୍ୟା ଅଧିକ ଥିଲେ ଏକର ପ୍ରତି ୩୬୦ ମି.ଲି. ସାଇହାଲୋଫୋପ ବିୟୁଟାଇଲ ଘାସମରା ବିଷ ପ୍ରୟୋଗ କରନ୍ତୁ ।
- ଅନିୟମିତ ବର୍ଷା ହେତୁ ଏକାବେଳେ ଧାନ ତଳି ନ ପକାଇ ପର୍ଯ୍ୟାୟକ୍ରମେ ପକାନ୍ତୁ ।
- ଅଧିକ ବର୍ଷା ହେଲେ ତଳିଘେରାରୁ ଜଳ ନିଷ୍କାସନ କରନ୍ତୁ ।
- ସ୍ୱଳ୍ପ ଓ ଅନିୟମିତ ବର୍ଷା ହେତୁ ଧାନ ତଳିଘେରାରେ ଅନାବନା ଘାସ ସମସ୍ୟା ଅଧିକ ଦେଖାଯାଉଛି । ଏହାକୁ ଦମନ କରିବାପାଇଁ ଏକର ପ୍ରତି ୮୦ ମି.ଲି. ବିସପାଇରିବାକ ସୋଡିୟମ ସିଂଚନ କରନ୍ତୁ।

### ପନିପରିବା

❖ ପନିପରିବା ତଳି ପକାଇବା ପାଇଁ ଉଚ୍ଚ ତଳି ପଟାଳି ପ୍ରସ୍ତୁତ କରନ୍ତୁ।

❖ ବର୍ଷା କମିଲା ପରେ ଭେଣ୍ଡି ଗଛର ସାହେବି ରୋଗ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୮୦ଗ୍ରାମ ଥିୟୋମେଥୋକ୍ସାମ ୨୦୦ଲିଟର ଜଳରେ ଗୋଳାଇ ସିଂଚନ କରନ୍ତୁ ।

### ମାଛ ଚାଷ

➢ ପୋଖରୀରୁ ଅନାବନା ଘାସ, ଶିକାରୀ ଓ ଅଦରକାରୀ ଚୂନା ମାଛ ନଷ୍ଟ କରି ଏକର ପ୍ରତି ୧୦୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ।


**ଅଧିକ ସୂଚନାପାଇଁ ଗ୍ରାମୀଣ କୃଷି ମୌସମ ସେବା (ଓୟୁଏଟି), ରାଣୀତାଲ ସହିତ ଯୋଗାଯୋଗ କରନ୍ତୁ।**
**ଇ ମେଲ- aas_ranital@yahoo.com ମୋବାଇଲ-୯୪୩୭୯୨୬୮୯୦**